

ସ୍ୱର୍ଗରେ ଇଶ୍ୱରଙ୍କ ସହିତ କୌଣସି ପ୍ରକାର କ୍ରନ୍ଦନ ନାହିଁ । ବେଳେ ବେଳେ ଇଶ୍ୱରଙ୍କର ଲୋକମାନେ ସେମାନଙ୍କ ଜୀବନର ଦୁଃଖ ସ୍ମରଣ କରି କ୍ରନ୍ଦନ କରନ୍ତି । ସ୍ୱର୍ଗରେ ଇଶ୍ୱର ସେ ସମସ୍ତଙ୍କ ଲୁହ ପୋଛିନେବେ ।



ସର୍ଗରେ କେବ ହେଁ ମୃତ୍ୟୁ ନୁହେଁ । ଇଶ୍ୱରଙ୍କର ଲୋକମାନେ ଇଶ୍ୱରଙ୍କ ସହିତ ଚିରକାଳ ବାସ କରିବେ । ସ୍ୱର୍ଗରେ କୌଣସି ପ୍ରକାରର ଦୁଃଖ, କ୍ରନ୍ଦନ, ଯନ୍ତ୍ରଣା, ପୀଡ଼ିତ, ବିଛିନ୍ନତା ଓ ଶବ ସତ୍କାର ନାହିଁ ।
ସ୍ୱର୍ଗରେ ପ୍ରତ୍ୟେକେ ଇଶ୍ୱରଙ୍କ ସହିତ ଚିରକାଳ ପର୍ଯ୍ୟନ୍ତ ଆନନ୍ଦରେ ବାସ କରନ୍ତି ।





ସବୁଠାରୁ ଉତ୍ତମ ହେଲା ସ୍ୱର୍ଗ ଦୁହେଁ ପୁଅ ଓ ଝିଅ ମାନଙ୍କ ନିମନ୍ତେ ଅଟେ, ଯେଉଁମାନେ ଇଶ୍ୱରଙ୍କୁ ଆପଣାର ପରିତ୍ରାଣକର୍ତ୍ତା ରୂପେ ବିଶ୍ୱାସ କରିଅଛନ୍ତି ଓ ତାଙ୍କୁ ନିଜ ପ୍ରଭୁ ରୁପେ ଆଜ୍ଞାକାରି ହୋଇଛନ୍ତି । ସ୍ୱର୍ଗରାଜ୍ୟ ସେମାନଙ୍କର ଅଟେ । ସର୍ଗରେ ଗୋଟିଏ ପୁସ୍ତକ ଅଛି, ସେହି ପୁସ୍ତକର ନାମ ମେଷଶାବକଙ୍କ ଜୀବନ ପୁସ୍ତକ କୁହାଯାଏ ।






ଏହା ଲୋକମାନଙ୍କର ନାମରେ ପରିପୁର୍ଣ୍ଣ ଅଟେ । ତୁମେ ଜାଣ କି, କେଉଁମାନଙ୍କର ନାମ ଏହି ପୁସ୍ତକରେ ଲେଖା ଯାଇଅଛି? ଯେଉଁମାନେ ଇଶ୍ୱରଙ୍କ ଠାରେ ନିର୍ଭର କରି ଅଛନ୍ତି ସେମାନଙ୍କର ନାମ ଲେଖା ଯାଇଅଛି । ସେଠାରେ ତୁମ୍ଭର ନାମ ଅଛି କି?






# ସ୍ୱର୍ଗ ହେଉଛି ଇଶ୍ୱରଙ୍କର ସୁନ୍ଦର ଗୃହ



ବାଇବଲ ର ଶେଷ ବାକ୍ୟ ସ୍ୱର୍ଗର ଗୋଟିଏ ସୁନ୍ଦର ଆମନ୍ତ୍ରଣ ବିଷୟ କହେ । ପୁଣି ଆତ୍ମା ଓ କନ୍ୟା କହେ, ଆସ, ଯେ ଶୁଣେ ସେ ଆସୁ, ଯେ ତୃଷିତ ଅଟେ ସେ ମୋ ପଖକୁ ଆସୁ । ଆଉ ଯେ କେହି ଅଭିଳାଷା କରେ ସେ ଜୀବନ୍ତ ଜଳ ମୁକ୍ତରେ ପାନ କରୁ ।






ସ୍ୱର୍ଗ ହେଉଛି ଇଶ୍ୱରଙ୍କର ସୁନ୍ଦର ଗୃହ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୧୪; ୨ୟ କରନ୍ଥୀୟ ୫;
ପ୍ରକାଶୀତ ବାକ୍ୟ ୪, ୨୧, ୨୨

"ତୁମ୍ଭଂ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଲେଖକ Edward Hughes
ଦୃଷ୍ଟାନ୍ତ Lazarus
ଅନୁବାଦକ Prasanta Bhuyan
ଉପ୍ଯୋଜକ Sarah S.

 କାହାଣି ୬୦ ରୁ ୬୦

M1914.org

Bible for Children, PO Box 3, Winnipeg MB R3C 2G1 Canada

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

ଓଡ଼ିଆ Oriya

ଯୀଶୁଖ୍ରୀଷ୍ଟ ଜଗତରେ ଜୀବିତ ଥିବା ସମୟରେ, ସେ ସ୍ୱର୍ଗୀୟ ବିଷୟରେ ଆପଣା ଶିଶ୍ୟମାନଙ୍କୁ କହିଲେ । ସେ କହନ୍ତି ଏହା ହେଉଛି ମୋର ପିତାଙ୍କ ଗୃହ ଆଉ ସେଠାରେ ଅନେକ ବାସ ସ୍ଥାନ ଅଛି ।





ଏହା ଏକ ଅତ୍ୟନ୍ତ ବଡ଼ ଓ ସୁନ୍ଦର ଗୃହ ଅଟେ । ସତ୍ୟରେ ଜାଗତିକ ବାସ ଗୃହ ଅପେକ୍ଷା ସ୍ୱର୍ଗ ହେଉଛି ଅତ୍ୟନ୍ତ ବଡ଼ ଓ ସୁନ୍ଦର ଅଟେ ।



ଯୀଶୁଖ୍ରୀଷ୍ଟ କହିଲେ, ତୁମ୍ଭମାନଙ୍କ ନିମନ୍ତେ ମୁଁ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବି ଓ ପୁନର୍ବାର ମୁଁ ଫେରି ତୁମ୍ଭମାନଙ୍କୁ ସେହି ବାସସ୍ଥାନକୁ ଘେନିଯିବି ।



3

ମୃତ୍ୟୁରୁ ଉଠିବା ପରେ ଯୀଶୁଖ୍ରୀଷ୍ଟ ସ୍ୱର୍ଗକୁ ଗଲେ । ଯୀଶୁଖ୍ରୀଷ୍ଟ ଆକାଶ ମାର୍ଗକୁ ଯିବା ସମୟରେ ଆକାଶରୁ ମେଘ ଆସି ଯୀଶୁଙ୍କୁ ଘୋଡ଼ାଇ ନେବାର ଶିଶ୍ୟମାନେ ଦେଖିଲେ ।



4

ତା ପରଠାରୁ ଖ୍ରୀଷ୍ଟିୟ ବିଶ୍ୱାସିମାନେ ଯୀଶୁଙ୍କର ଫେରିବା ଓ ସେମାନଙ୍କୁ ନେଇଯିବାର ପ୍ରତିଜ୍ଞାକୁ ସ୍ମରଣ କରୁଛନ୍ତି । ଯୀଶୁଖ୍ରୀଷ୍ଟ କହିଲେ ଯେ ମୁଁ ହଠାତ ଆଗମନ କରିବି, ଯେତେବେଳେ ତୁମ୍ଭେମାନେ ଅପେକ୍ଷାରେ ନଥିବ ।




5

ଯୀଶୁଖ୍ରୀଷ୍ଟଙ୍କ ଆଗମନ ପୂର୍ବରୁ ଯେଉଁ ଖ୍ରୀଷ୍ଟିୟ ବିଶ୍ୱାସିମାନେ ମୃତ୍ୟୁ ବରଣ କରନ୍ତି ସେମାନଙ୍କର କ'ଣ ହେବ, ଈଶ୍ୱରଙ୍କର ବାକ୍ୟ କହେ ସେମାନେ ସିଧା ଯୀଶୁଙ୍କ ନିକଟକୁ ଯିବେ । ଶରୀର ଅନୁପସ୍ଥିତ ର ଅର୍ଥ ହେଉଛି ଈଶ୍ୱରଙ୍କ ସହିତ ଉପସ୍ଥିତ ।




6

ପ୍ରକାଶିତ ବାକ୍ୟ, ବାଇବଲେର ଶେଷ ପୁସ୍ତକ, ସ୍ୱର୍ଗ କି ପ୍ରକାର ଅଟେ ତାହା ଆମ୍ଭମାନଙ୍କୁ ଜଣାଏ । ଅତି ଉତ୍ତମ ବିଷୟ ଏହା କି ସ୍ୱର୍ଗ ହେଉଛି ଈଶ୍ୱରଙ୍କ ଗୃହ । ଈଶ୍ୱରଙ୍କ ଉପସ୍ଥିତି ପ୍ରତ୍ୟେକ ସ୍ଥାନରେ ଅଛି, କିନ୍ତୁ ତାହାଙ୍କର ସିଂହାସନ ସ୍ୱର୍ଗରେ ଅଟେ ।



7

ଦୂତଗଣ ଏବଂ ଅନ୍ୟ ସ୍ୱର୍ଗୀୟ ଅସ୍ତିତ୍ୱ ସ୍ୱର୍ଗରେ ପ୍ରଭୁଙ୍କର ଉପାସନା କରନ୍ତି । ଈଶ୍ୱରଙ୍କ ସମସ୍ତ ଲୋକ, ଯଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନେ ସ୍ୱର୍ଗକୁ ଯାଇଅଛନ୍ତି । ସେମାନେ ଈଶ୍ୱରଙ୍କର ପ୍ରସଂଶାର ଗୀତଗାନ କରନ୍ତି ।



8

ଏହି କିଛି ଶବ୍ଦମାନ ଅଛି ଯାହା ସେହି ଗୀତରୁ ନିଆଯାଇଅଛି: ତୁମ୍ଭେ ଯୋଗ୍ୟ ଅଟ କାରଣ ତୁମ୍ଭେ ହତ ହୋଇଥିଲ, ପୁଣି ଆପଣା ରକ୍ତ ଦ୍ୱାରା ସମସ୍ତ ଗୋଷ୍ଠି ଭାବବାଦି, ବଂଶ ଓ ଜାତୀ ମଧ୍ୟରୁ ଈଶ୍ୱରଙ୍କ ନିମନ୍ତେ ଲୋକମାନଙ୍କୁ କ୍ରୟ କରିଅଛ ।
(ପ୍ରକାଶିତ ୫:୯)



9

ବାଇବଲ ର ଶେଷ ପୃଷ୍ଠାରେ ସ୍ୱର୍ଗକୁ ନୂତନ ଯିରୁଶାଲମ ଭାବେ ସମ୍ବୋଧନା କରଯାଇଛି । ଏହା ବୃହତ୍, ଓ ବହିର୍ଦେଶରେ ଏହାର ଉଚ୍ଚତମ ପ୍ରାଚିର ଅବସ୍ଥିତ ।



10

ତାହାର ଜ୍ୟୋତି ଅତି ବହୁମୂଲ୍ୟ ମଣି ସଦୃଷ୍ୟ, ସୁଛ ସୂର୍ଯକାନ୍ତ ପରି । ସେହି ପ୍ରାଚିରର ଭିତ୍ତିମୂଳ ସମସ୍ତ ପ୍ରକାର ବହୁମୂଲ୍ୟ ମଣିରେ ଭୂଷିତ ସେଠାରୁ ଅତି ସୁନ୍ଦର ଆଲୋକ ନିର୍ଗତ ହୁଏ ।



11

ପ୍ରତ୍ୟେକ ନଗର ର ଦ୍ୱାର ଗୁଡ଼ିକର ଭିତ୍ତିମୂଳ ହୀରକରେ ଭୂଷିତ । ପ୍ରତ୍ୟେକ ଦ୍ୱାର  ଗୋଟିଏ ଗୋଟିଏ ବୃହତ୍ ମୁକ୍ତାରେ ନିର୍ମିତ ଅଟେ ।



12

ସେହି ମୁକ୍ତାର ଦ୍ୱାର କଦାପି ରଦ୍ଧ ହୋଇନାହିଁ । ଆସ ଆମ୍ଭେ ଭିତରକୁ ଯାଉଁ ଆଉ ସମସ୍ତ ଭିତରେ ଦେଖିବା ... କି ଆଷ୍ଚର୍ଯ ସ୍ୱର୍ଗ ଭିତର ପାର୍ଶ ଅତ୍ୟଧୀକ ସୁନ୍ଦର ଅଟେ, ନଗର ଶୁଦ୍ଧ ସୁବର୍ଣ୍ଣ ଦ୍ୱାରା ସ୍ୱଚ୍ଛ କାଚ ସଦୃଶ ନିର୍ମିତ ଅଟେ । ନଗରର ପଥ ମଧ୍ୟ ସୁବର୍ଣ୍ଣ ଦ୍ୱାରା ନିର୍ମିତ ଅଟେ ।



13

ଈଶ୍ୱରଙ୍କ ସିଂହାସନରୁ ଜୀବନ ଦାୟକ ସ୍ୱଚ୍ଛ ଜଳର ଗୋଟିଏ ନଦୀ ନିର୍ଗତ ହୁଏ । ନଦିର ଉଭୟ ପାର୍ଶରେ ଫଳଦାୟକ ଜୀବନ ବୃକ୍ଷ ଅଛି, ଯାହା ଏଦନ ଉଦ୍ୟାନରେ ପ୍ରଥମେ ଦେଖାଯାଇଥିଲା । ଏହି ବୃକ୍ଷ୍ୟ ଏକ ସ୍ୱତନ୍ତ୍ର ଅଟେ । ସେହି ଜୀବନ ଦାୟକ ବୃକ୍ଷ୍ୟ ଦ୍ୱାଦଶ ପ୍ରକାର ବିଭିନ୍ନ ରୂପକ ଫଳ ଫଳେ । ପ୍ରତ୍ୟେକ ମାସରେ ଭିନ୍ନ ପ୍ରକାର ଫଳ ଫଳେ । ସେହି ବୃକ୍ଷର ପତ୍ର ଜାତି ସମୂହର ଆରୋଗ୍ୟ କାରକ ଅଟେ ।



14

ସ୍ୱର୍ଗ ଆଲୋକ ନିମନ୍ତେ ଦିନରେ ସୂର୍ଯ୍ୟ କିମ୍ବା ରାତ୍ରିରେ ଚ଼ନ୍ଦ୍ରର ଆବଶ୍ୟକତା ନାହିଁ । ଗୌରବ ଆଲୋକିତ କରେ । ସେହି ସ୍ଥାନରେ ରାତ୍ରି ନାହିଁ ।



15

ସର୍ଗରେ ଜୀବଜନ୍ତୁ ମଧ୍ୟ ଭିନ୍ନ ପ୍ରକାରର ଅଟନ୍ତି । ସେମାନେ ବନ୍ଧୁତ୍ୱ ଭାବରେ ଏକତ୍ର ମଳିତ ହୋଇ ବାସ କରନ୍ତି । କେନ୍ଦୁଆବାଘ ମେଣ୍ଢାଛୁଆ ଏକତ୍ର ଚ଼ରିବେ । ସିଂହ ଗୋରୁପରି ନଡ଼ା ଖାଆନ୍ତି । ସଦାପ୍ରଭୁ ଏହା କହନ୍ତି, ସେମାନେ ଆମ୍ଭ ପବିତ୍ର ପର୍ବତରେ କୌଣସି ସ୍ଥାନରେ ହିଂସା କି ବନାଶ କରିବେ ନାହିଁ ।



16

ଯେତେବେଳେ ଆମ୍ଭେ ସ୍ୱର୍ଗର ଚ଼ତୁପାର୍ଶରେ ଦେଖୁ, ସ୍ୱର୍ଗ ରାଜ୍ୟରୁ କିଛି ଉଣା ପଡ଼ିବାର ଜାଣିପାରୁ । ତଥାପି ସେଠାରେ କ୍ରୋଧର ବାକ୍ୟଗୁଡ଼ିକ ଶୁଣି ନାହୁଁ ।
ସେହି ସ୍ଥାନରେ କଳହ କିମ୍ବା ସ୍ୱର୍ଥପରତା ନାହିଁ ।



17

ସେହି ସ୍ଥାନରେ ଦ୍ୱାର ରଦ୍ଧ କରାଯାଏ ନାହିଁ, କାରଣ ସ୍ୱର୍ଗରେ ଚ଼ୋରମାନେ ନାହାନ୍ତି । ସେଠାରେ ମାଥ୍ୟାବାଦୀ, ନରହତ୍ୟାକାରୀ, ତନ୍ତ୍ରକତା କିମ୍ବା କୌଣସି ଦୁଷ୍ଟ ଲୋକମାନେ ନାହାଁନ୍ତି । ସ୍ୱର୍ଗରେ କୌଣସି ପ୍ରକାର ପାପ ନାହିଁ ।



18